## ସରାଙ୍ଗ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ

**ପରଜଙ୍ଗ,(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମରେ ଗତ ୨୨ ତାରିଖରେ ଶତାଧିକ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ରବିବାର ୩୫ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗ୍ରାମକୁ ୨୪ ତାରିଖ ସକାଳ ୭ଟାରୁ ୩୦ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ସମୟରେ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ବିଦ୍ୟୁତ୍ ଆଘାତରେ ବୃଦ୍ଧା ମୃତ

**ଛେଣ୍ଡିପଦା,୨୪।୫(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ସରପାଳ ଗ୍ରାମରେ ସୋମବାର ବିଦ୍ୟୁତ୍ ତାରରେ ହୁକ ପକାଉ ଥିବାବେଳେ କରେଣ୍ଟ ଲାଗି ସୁଦର୍ଶନ ସାହୁଙ୍କ ସ୍ତ୍ରୀ ଅମୃତୀ ସାହୁ(୬୦)ଙ୍କ ମୃତ୍ୟୁ ଘଟିଛି। ଅମୃତୀ ଘର ପଛ ପାଖ ବଗିଚା କୂଅ ପାଖରେ ଗାଧୋଉଥିଲେ। ଏହି ସମୟରେ ସେ ପାଣି ପମ୍ପ ଚଳାଇବାକୁ ହୁକ ପକାଉଥିବା ବେଳେ ଜୋର୍‌ଦାର ଆଘାତ ପାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତରଙ୍କୁ ନ ଦେଖାଇ ଘରକୁ ଫେରାଇ ଆଣି ଦାହ କରି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇଥିବା ସୂଚନା ମିଳିଛି।

## ଏକାଦଶ ଭୋଜି ବେଳେ ଚଢ଼ାଉ

**ଅନୁଗୋଳ ଅଫିସ, ୨୪।୫:** ଅନୁଗୋଳ ସଦର ଥାନା ଖଣ୍ଡହତା ପଞ୍ଚାୟତ ସୁରାବ ଠାରେ ବିନା ଅନୁମତିରେ ଏକାଦଶ ଭୋଜିର ଆୟୋଜନ ହୋଇଥିଲା। ଗ୍ରାମର ଜଣେ ବ୍ୟକ୍ତି ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନିକଟରେ ଅଭିଯୋଗ କରିବା ପରେ ତୁରନ୍ତ ମାଜିଷ୍ଟ୍ରେଟ୍ ଓ ପୋଲସ ଚଢ଼ାଉ କରିଥିଲେ। ସେଠାରେ ଦେଢ଼ଶହ ଲୋକଙ୍କ ପାଇଁ ଭୋଜି ଆୟୋଜନ କରାଯାଇଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏଥିପାଇଁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଚଢ଼ାଉରେ ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ, ସଦର ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା, ଏଏସ୍‌ଆଇ ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଷାକ୍ତ ଛତୁ ଖାଇ ୩ ଗୁରୁତର

**କାମାକ୍ଷାନଗର, ୨୪।୫ (ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା କଲଦା ଗ୍ରାମରେ ସୋମବାର ବିଷାକ୍ତ ଛତୁ ଖାଇ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପଙ୍କଜ ମହନ୍ତ, ତାଙ୍କ ସ୍ତ୍ରୀ ଗୌରୀ ମହନ୍ତ ଓ ଝିଅ ରଞ୍ଜିତା ମହନ୍ତ। ସୂଚନା ଅନୁସାରେ, ପଙ୍କଜ ଘର ନିକଟରେ ଥିବା ଜଙ୍ଗଲରୁ ଛତୁ ସଂଗ୍ରହ କରି ଘରକୁ ଆଣିଥିଲେ। ସେହି ଛତୁକୁ ରୋଷେଇ କରି ସମସ୍ତେ ଖାଇଥିଲେ। ଖାଇବାର କିଛି ସମୟ ପରେ ସେମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରେ ଗ୍ରାମବାସୀ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସା ଜାରି ରହିଛି।

## ୨ ପଞ୍ଚାୟତ ଶଟ୍‌ଡାଉନ

**ବଇଣ୍ଡା,୨୪।୫(ଡି.ଏନ.ଏ.):** କିଶୋରନଗର ବ୍ଲକରେ ପଜିଟିଭ୍ ସଂଖ୍ୟା ବଢ଼ିବାରେ ଲାଗିଛି। କିଛି ଦିନ ମଧ୍ୟରେ ୧୪୫୯ ଜଣ ପଜିଟିଭ୍ ବ୍ଲକ ଅଞ୍ଚଳରୁ ଚିହ୍ନଟ ହୋଇସାରିଥିବାରୁ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ତେବେ ଗୋଷ୍ଠୀ ସଂକ୍ରମଣ ବଢୁଥିବାରୁ ହଣ୍ଡପା ଓ ହିମିତିରା ପଞ୍ଚାୟତକୁ ଶଟ୍‌ଡାଉନ କରାଯାଇଛି। ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ ଚିଠି ନମ୍ବର ୨୮/୨୪।୦୫।୨୧ରେ ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ୩ଦିନ ହଣ୍ଡପା, ଚାକୁଣ୍ଡାମୁଣ୍ଡା, ପାପସରା ଗ୍ରାମକୁ ଶଟ୍‌ଡାଉନ କରିଛନ୍ତି। ସେହିପରି ହିମିତିରା ସରପଞ୍ଚ ଜୁନା ସାହୁ ପଞ୍ଚାୟତ ଚିଠି ନମ୍ବର ୧୦୯/ ତା ୨୪।୦୫।୨୧ରେ ପଞ୍ଚାୟତକୁ ମଙ୍ଗଳବାର ଠାରୁ ରବିବାର ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏ ନେଇ କିଶୋରନଗର ବିଡିଓ, ଆଠମଲ୍ଲିକ ଉପଜିଲାପାଳ, ଅନୁଗୋଳ ଏସ୍‌ପିଙ୍କୁ ଅବଗତ କରାଯାଇଛି।

# କରୋନା ବେଳେ କର୍ମଚାରୀ ଅଭାବ

## ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା




**ଭୁବନ, ୨୪।୫(ଡି.ଏନ.ଏ.)**

- ୨ ଡାକ୍ତର, ୭ ଷ୍ଟାଫ୍ ନର୍ସ ସଂକ୍ରମିତ
- ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପଦବୀ ଖାଲି
- ସମସ୍ୟା ଭିତରେ ଚାଲିଛି ଟିକାକରଣ

ମହାମାରୀ ସମୟରେ କର୍ମଚାରୀ ଅଭାବ, ଯାହାକୁ ନେଇ ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୃଷ୍ଟି ହୋଇଛି ଅଚଳାବସ୍ଥା। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଏବେ ୨ଜଣ ଡାକ୍ତର ଏବଂ ୭ ଜଣ ଷ୍ଟାଫ୍ ନର୍ସ କୋଭିଡ୍ ସଂକ୍ରମଣର ଶିକାର ହେବା ପରେ ସମସ୍ୟା ଆହୁରି ବଢ଼ିଯାଇଛି। ହାତଗଣତି କର୍ମଚାରୀଙ୍କୁ ନେଇ ଟିକାକରଣ ଏବଂ ସ୍ୱାସ୍ଥ୍ୟସେବା ସମ୍ଭାଳିବା ଦୁରୂହ ବ୍ୟାପାର ହେଉଛନ୍ତି। ରୋଗୀମାନେ ଠିକ୍ ସମୟରେ ସେବା ନ ପାଇ କଲବଲ ହେଉଥିବାବେଳେ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

୩୫ ଶଯ୍ୟା ବିଶିଷ୍ଟ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭୁବନ ବ୍ଲକ, ଏନ୍‌ଏସି, ଗଁଦିଆ ବ୍ଲକ ସମେତ ପଡ଼ୋଶୀ ଯାଜପୁର ଜିଲାର ରୋଗୀମାନେ ନିର୍ଭର କରୁଛନ୍ତି। ଏଠାରେ ୮ ଡାକ୍ତର ପଦବୀ ମଧ୍ୟରୁ ୩ ପଦବୀରେ କେହିନାହାନ୍ତି। ସେହିପରି ୧୦ ପରିବର୍ତ୍ତେ ୭ ଷ୍ଟାଫ୍‌ନର୍ସ ଦାୟିତ୍ୱ ସମ୍ଭାଳୁଛନ୍ତି। ଇତିମଧ୍ୟରେ ୨ଜଣ ଡାକ୍ତର ଏବଂ ୭ଜଣ ଷ୍ଟାଫ୍ ନର୍ସ କରୋନାରେ ସଂକ୍ରମିତ ହୋଇଛନ୍ତି। ସେହିପରି ଜଣେ ଫାର୍ମାସିଷ୍ଟ ଓ ତାଙ୍କ ସହାୟକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫାର୍ମାସିଷ୍ଟ, ରେଡିଓ ଗ୍ରାଫର, ଲବୋରୋଟାରି ଟେକ୍ନିସିଆନ, ଡ୍ରେସର ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ଦକ୍ଷ କର୍ମଚାରୀ ଏବଂ ଉପକରଣ ଅଭାବରୁ ବ୍ଲଡ୍ ବ୍ୟାଙ୍କ କାମରେ ଆସୁନାହିଁ। ଏହି ଡାକ୍ତରଖାନାକୁ ଦୈନିକ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସିଥାଆନ୍ତି। ତେବେ କର୍ମଚାରୀମାନେ କରୋନା ସଂକ୍ରମିତ ହେବା ପରେ ଏତେସଂଖ୍ୟକ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କାଠିକର ପାଠ ହେଉଛି। ଫଳରେ ପ୍ରାଥମିକ ଚିକିତ୍ସା ପରେ ଅନେକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଦିଆଯାଉଛି। ଅପରପକ୍ଷେ ଏଠାରେ ହାତଗଣତି କର୍ମଚାରୀଙ୍କୁ ନେଇ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି। ଆଶାୟୀମାନେ ଦୀର୍ଘସମୟ ଧାଡ଼ିବାନ୍ଧି ଛିଡ଼ା ହୋଇ ରହୁଥିବାବେଳେ ଅନେକ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଛି। ସମସ୍ୟା ସମାଧାନ ନେଇ ବାରମ୍ବାର ଦାବି ଉଠୁଥିଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଏହାକୁ ନେଇ ଅଞ୍ଚଳବାସୀ, ରୋଗୀ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡାକ୍ତର ରମେଶ ଚନ୍ଦ୍ର ସାହୁ କୁହନ୍ତି, ଡାକ୍ତରଖାନାରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହାର ପ୍ରଭାବ ସ୍ୱାସ୍ଥ୍ୟସେବା ଉପରେ ପଡୁଛି। ଖାଲିପଡ଼ିଥିବା ପଦବୀ ପୂରଣ ହେଲେ ସମସ୍ୟାର ସମାଧାନ ହୋଇପାରିବ।

### ସେବା ନ ପାଇ ରୋଗୀ ନିରାଶ



“ଜ୍ୱର ହେଉଥିବାରୁ ୪ଦିନ ହେଲା ଡାକ୍ତରଖାନାକୁ ଆସୁଛି। ହେଲେ ସବୁଦିନ ନିରାଶରେ ଫେରିବାକୁ ପଡୁଛି। ମୋ ଭଳି ଅନେକେ ଏଭଳି ସମସ୍ୟା ଭୋଗୁଛନ୍ତି। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଈଶ୍ୱରଙ୍କ ଭରସାରେ ଚାଲିଛି।

-ଗୁଡି ସେଠୀ, କୀର୍ତ୍ତନପୁର

### ଜନପ୍ରତିନିଧି ସ୍ୱର ଉଠାଉ ନାହାନ୍ତି



“ଭୁବନ ଡାକ୍ତରଖାନା ଉପରେ ୨ ଜିଲାର ରୋଗୀ ନିର୍ଭରଶୀଳ। ଏଠାରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କର୍ମଚାରୀ ନ ଥିବାରୁ ଲୋକମାନେ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏଥିପ୍ରତି ଜନପ୍ରତିନିଧି ସ୍ୱର ନ ଉଠାଇବା ପରିତାପର ବିଷୟ।

-କାଳିନ୍ଦୀ କହଁର, ସାମାଜିକ କର୍ମୀ

### କାମ ଚାପ ବଢ଼ିଛି



“କୋଭିଡ୍‌ସମୟରେ କାମ ଚାପ ବଢ଼ିଛି। ତେବେ ୨ଜଣ ଡାକ୍ତର ଏବଂ ୭ଜଣ ଷ୍ଟାଫ୍‌ନର୍ସ କରୋନାରେ ସଂକ୍ରମିତ ହୋଇଥିବାରୁ ସମସ୍ୟା ଆହୁରି ଜଟିଳ ହୋଇଯାଇଛି। ହାତଗଣତି କର୍ମଚାରୀରେ ଦିନରାତି କାମ ଚାଲିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।

-ଗାୟତ୍ରୀ ସାହୁ, ଫାଷ୍ଟନର୍ସ

# ରାଜସ୍ୱ ରଥ ଶୁଭାରମ୍ଭ




କଣିହାଁ ତହସିଲ ଅଫିସ ପରିସରରେ ରାଜସ୍ୱ ରଥର ଶୁଭାରମ୍ଭ କରାଯାଉଛି।

**ଛେଣ୍ଡିପଦା/ କଣିହାଁ,୨୪।୫ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ପକ୍ଷରୁ ସୋମବାର ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଜିଲା ରାଜସ୍ୱ ବିଭାଗ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ ସବୁଜ ପତାକା ଦେଖାଇଥିଲେ। କରୋନା ସମୟରେ ଏହି ରଥ ଗାଁ ଗାଁ ବୁଲି ଲୋକମାନଙ୍କୁ ରାଜସ୍ୱ ସେବା ଯୋଗାଇବା ସହ ସଚେତନ କରାଇବ। କାର୍ଯ୍ୟକ୍ରମରେ ତହସିଲଦାର ଡାନିଏଲ ଏକ୍କା ଓ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ସମେତ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି କଣିହାଁ ତହସିଲ ପକ୍ଷରୁ ରାଜସ୍ୱ ରଥ ଶୁଭାରମ୍ଭ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ତଳଚେର ଏଡିଏମ୍ ରଜନୀକାନ୍ତ ସ୍ୱାଇଁ ଯୋଗଦାନ କରିଥିଲେ। ତହସିଲଦାର ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଜମି କିସମ ପରିବର୍ତ୍ତନ, ଆପୋଷ ଜମି ଭାଗ ବଣ୍ଟା, ଜମି ଚିହ୍ନଟ, ଦାଖଲ ଖାରଜ ମାମଲା ସହିତ ଜାତିଗତ ପ୍ରମାଣପତ୍ର ପ୍ରଦାନ ଓ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଫଇସଲା ଆଦି ନିଷ୍ପତ୍ତି ଉପଭୋକ୍ତାଙ୍କ ଘର ମୁହଁରେ ଯୋଗାଇଦେବା ଲକ୍ଷ୍ୟ ରହିଛି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଗାଁକୁ ରାଜସ୍ୱ ରଥରେ ଅଧିକାରୀ ଯାଇ ଏହି ସେବା ପ୍ରଦାନ କରିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ୩୫୧ ଆକ୍ରାନ୍ତ, ୧୭୩ ସୁସ୍ଥ

**ଢେଙ୍କାନାଳ ଅଫିସ,୨୪।୫**

ଢେଙ୍କାନାଳ ଜିଲାରେ ସୋମବାର ୩୫୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୭୩ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୩୨୩ ଜଣ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ୨୮ଜଣଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗଁଦିଆ ବ୍ଲକରୁ ୬୮, ହିନ୍ଦୋଳ ବ୍ଲକରୁ ୫୯, ଓଡାପଡା ବ୍ଲକରୁ ୫୮, ଭୁବନ ବ୍ଲକରୁ ୪୩, ଢେଙ୍କାନାଳ ପୌରାଞ୍ଚଳରୁ ୩୨, ସଦର ବ୍ଲକରୁ ୨୭, କାମାକ୍ଷାନଗର ବ୍ଲକରୁ ୨୧, ହିନ୍ଦୋଳ ଏନ୍‌ଏସିରୁ ୧୮, କାମାକ୍ଷାନଗର ଏନ୍‌ଏସିରୁ ୧୦, କଙ୍କଡାହାଡ ବ୍ଲକରୁ ୫, ଭୁବନ ଏନଏସିରୁ ୩, ପରଜଙ୍ଗ ବ୍ଲକରୁ ୧ ଓ ଅନ୍ୟ ଚିକିତ୍ସାଳୟରୁ ୬ ଜଣ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ୍ ୨ ଲକ୍ଷ ୭୯ ହଜାର ୮୪୧ ଜଣଙ୍କ ଟେଷ୍ଟିଂ ହୋଇଥିବା ବେଳେ ପଜିଟିଭ୍ ସଂଖ୍ୟା ୧୦ ହଜାର ୨୯୩ରେ ପହଞ୍ଚିଛି। ସେହିପରି ଜିଲାରୁ ୮ ହଜାର ଜଣେ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ୨ ହଜାର ୨୫୮ ଜଣ ଚିକିତ୍ସାଧୀନ ରହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ କାମାକ୍ଷାନଗର ବ୍ଲକ ସୋଗର ଗ୍ରାମକୁ ୨୩ରୁ ୩୦ ତାରିଖ, ଭୁବନ ବ୍ଲକ ଧଳପଡା ଗ୍ରାମକୁ, ଓଡାପଡା ବ୍ଲକର ବେଲପଡା ଗ୍ରାମକୁ ଓ ଗଁଦିଆ ବ୍ଲକର ପିଙ୍ଗୁଆ ଏବଂ ନିହଲପ୍ରସାଦ ଗ୍ରାମକୁ ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଷ୍ଟେଶନରେ ବନ୍ଦ, ୱାର୍ଡରେ ଆରମ୍ଭ

**ଅନୁଗୋଳ ଅଫିସ, ୨୪।୫**



୧ ନଂ. ୱାର୍ଡରେ କରୋନା ପରୀକ୍ଷା କରାଯାଉଛି।

ଅନୁଗୋଳ ରେଳ ଷ୍ଟେଶନ୍‌ରେ ଯାତ୍ରୀଙ୍କ ହେଉଥିବା କୋଭିଡ୍ ଟେଷ୍ଟକୁ ବନ୍ଦ କରାଯାଇଛି। ଗତ ସପ୍ତାହେ ମଧ୍ୟରେ ଷ୍ଟେଶନ୍‌ରେ କରାଯାଉଥିବା ପରୀକ୍ଷାରେ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବାରୁ ଟେଷ୍ଟିଂକୁ ବନ୍ଦ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ଜିଲାର ବିଭିନ୍ନ ଗ୍ରାମ ଓ ଅନୁଗୋଳ ପୌରାଞ୍ଚଳର ୧ ନମ୍ବର ୱାର୍ଡରେ କରୋନା ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧ ନମ୍ବର ୱାର୍ଡ ଶିମିଳିପଡ଼ାଠାରେ ୧୩୦ ଜଣଙ୍କ ଆଣ୍ଟିଜେନ୍ କିଟ୍‌ରେ ଟେଷ୍ଟ କରାଯାଇ ୭ ଜଣ ପଜିଟିଭ୍ ଚିହ୍ନଟ କରାଯାଇଛି। ତେବେ ଏହି ପରୀକ୍ଷା ପୂର୍ବରୁ ଜଣେ ବ୍ୟକ୍ତି କିଟ୍ ନେଇ ଚମ୍ପଟ ମାରୁଥିବାବେଳେ ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ ଓ ଅନ୍ୟ ଅଧିକାରୀଙ୍କ ସହ ପୌର କର୍ମଚାରୀ ପହଞ୍ଚି ତାଙ୍କୁ ଥାନାରେ ଜିମା ଦେଇଥିଲେ। ଏଭଳି ଭୁଲ୍ କରିବେ ନାହିଁ ବୋଲି ଥାନାରେ ଲିଖିତ ଭାବେ ଦେବା ପରେ ତାଙ୍କୁ ଛଡ଼ାଯାଇଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ ଜିଲାର ବିଭିନ୍ନ ପଞ୍ଚାୟତରେ କରୋନା ପରୀକ୍ଷା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲାରେ କରୋନା ଟେଷ୍ଟ ସଂଖ୍ୟା ୫ ହଜାର ଛୁଇଁଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି।

# ୭୯୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୪।୫**

ଅନୁଗୋଳ ଜିଲାରୁ ସୋମବାର ୭୯୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୦ ହଜାର ୨୪୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୧୯୪, ତାଳଚେର ବ୍ଲକରୁ ୧୨୧, ବଣ୍ଡରପାଳ ବ୍ଲକରୁ ୧୧୯, ଅନୁଗୋଳ ବ୍ଲକରୁ ୯୩, କଣିହାଁ ବ୍ଲକରୁ ୬୫, ଆଠମଲ୍ଲିକ ବ୍ଲକରୁ ୫୧, କିଶୋରନଗର ବ୍ଲକରୁ ୪୨, ଅନୁଗୋଳ ପୌରାଞ୍ଚଳରୁ ୩୪, ତାଳଚେର ପୌରାଞ୍ଚଳରୁ ୩୦, ପାଲଲହଡ଼ା ବ୍ଲକରୁ ୨୮ ଓ ଆଠମଲ୍ଲିକ ଏନ୍‌ଏସିରୁ ୧୫ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୬୬୭ ଜଣ ସୁସ୍ଥ ହୋଇଥିବାବେଳେ ମୃତକଙ୍କ ସଂଖ୍ୟା ୭୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବଢ଼ିବ ଇଏସ୍‌ଆଇ ମେଡିକାଲ ବେଡ୍

**ଅନୁଗୋଳ ଅଫିସ, ୨୪।୫**

ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ତେବେ ଜିଲାର ବିଭିନ୍ନ ସିସିସି ସହ କୋଭିଡ୍ ମେଡିକାଲରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ବଣ୍ଡରପାଳରେ ଥିବା ଇଏସ୍‌ଆଇ କୋଭିଡ୍ ମେଡିକାଲର ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ମେଡିକାଲରେ ଥିବା ୭୫ ବେଡ୍‌କୁ ୧୫୦କୁ ବୃଦ୍ଧି କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେଥିମଧ୍ୟରୁ ୩୦ଟି ଆଇସିୟୁ ଓ ୧୨୦ଟି ଅକ୍ସିଜେନ୍ ସଂଲଗ୍ନ ଜେନେରାଲ ବେଡ୍ ରହିବ। ୨ ଦିନ ମଧ୍ୟରେ ସେଠାରେ ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇ ବେଡ୍ ସଂଖ୍ୟା ବୃଦ୍ଧି କରାଯିବା ସହ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କ ସଂଖ୍ୟାକୁ ବୃଦ୍ଧି କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

# ପ୍ରସ୍ତାବିତ କୋଭିଡ୍ ହସ୍ପିଟାଲ ଭିତ୍ତିଭୂମି ତଦାରଖ

**କାମାକ୍ଷାନଗର,୨୪।୫(ଡି.ଏନ.ଏ.)**



ଅଧିକାରୀମାନେ ଭିତ୍ତିଭୂମି ତଦାରଖ କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ଏକ ନୂଆ କୋଭିଡ୍ ହସ୍ପିଟାଲ ପାଇଁ ‘ସମ୍’ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଯୋଜନା କରାଯାଇଛି। ଏଥିନିମନ୍ତେ ରବିବାର ସନ୍ଧ୍ୟାରେ ଏକ ଡାକ୍ତରୀ ଦଳ ପହଞ୍ଚି ଆନୁସଙ୍ଗିକ ଭିତ୍ତିଭୂମି ତଦାରଖ କରିଛନ୍ତି। ଷ୍ଟାଡିୟମ ଭିତରେ ନିର୍ମାଣାଧୀନ ଅଡିଟୋରିଅମ, ଇନ୍‌ଡୋର ଷ୍ଟାଡିୟମ, ଶ୍ରମିକ ଭବନ ଓ ଗଡଜାତ ଭବନ ଆଦିରେ ୧୫୦ ବେଡ୍ ବିଶିଷ୍ଟ ଡାକ୍ତରଖାନା ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି। ସେଥିମଧ୍ୟରୁ ୧୦୦ଟି ସାଧାରଣ ଓ ଅନ୍ୟ ୫୦ଟି ଆଇସିୟୁ ଥିବା ବେଡ ରହିବ। ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପ୍ରତିନିଧି ଦଳଙ୍କୁ ସ୍ଥାନ ଦେଖାଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଜାତାରାଣୀ ମିଶ୍ର, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ, ପୂର୍ତ୍ତ ବିଭାଗ ନିର୍ବାହ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ଏନ୍‌ଏସି ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ରଥ ପମୁଖ ଉପସ୍ଥିତ ଥିଲେ। ପରେ କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହଠାରେ ପ୍ରତିନିଧି ଦଳ ଓ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିଭଳି ଢେଙ୍କାନାଳ ସଦର ମହକୁମାରେ ମଧ ଏକ କୋଭିଡ୍ ଡାକ୍ତରଖାନା ନିର୍ମାଣ ପାଇଁ ଯୋଜନା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।

# କଟକଣା ଅଧିକ କଡ଼ାକଡ଼ି କରାଯିବ

**ଢେଙ୍କାନାଳ ଅଫିସ,୨୪।୫**

ଢେଙ୍କାନାଳ ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ କଟକଣା ଅଧିକ କଡ଼ାକଡ଼ି କରିବା ଉପରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗୁରୁତ୍ୱାରୋପ କରିଛନ୍ତି। ଭର୍ଚୁଆଲରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ନରୋତ୍ତମ ବେହେରା, ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୋଗିନେନି, ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ମୁଖ୍ୟ ଚିକିତ୍ସାଧିକାରୀ, ଉପଜିଲାପାଳ, ତହସିଲଦାର, ବିଡିଓ, ପୌର ଅଧିକାରୀ ଓ ସମାଜ ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା ବେଳେ ବିବାହ, ବ୍ରତ ଓ ସାମାଜିକ ଉତ୍ସବରେ ଅଧିକ ଲୋକ ସମାଗମ ନ ହେବା ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି।

# ‘ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କର’

**ଢେଙ୍କାନାଳ ଅଫିସ,୨୪।୫**

ସମ୍ଭାବ୍ୟ ବାତ୍ୟା ୟାସ୍‌ର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୋମବାର ଭର୍ଚୁଆଲ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୋଗିନେନି, ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସମସ୍ତ ଉପଜିଲାପାଳ, ତହସିଲଦାର, ବିଡିଓ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳଯୋଗାଣ ଓ ବିଦ୍ୟୁତ୍ ବିଭାଗ ସହିତ ଜିଲାପାଳ ଆଲୋଚନା କରିଛନ୍ତି। ପ୍ରଭାବିତ ହେବାକୁ ଥିବା ନଦୀକୂଳ, ଖାଲୁଆ ଅଞ୍ଚଳର ଶିଶୁ, ମହିଳା, ବୃଦ୍ଧାବୃଦ୍ଧ, ରୋଗୀ, ଗର୍ଭବତୀମାନଙ୍କୁ ୨୫ ତାରିଖ ଅପରାହ୍ନ ୩ଟା ସୁଦ୍ଧା ସ୍ଥାନାନ୍ତର ଏବଂ ସେମାନଙ୍କୁ ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ, ବିଦ୍ୟୁତ୍ ଯୋଗାଣ ପାଇଁ ଜେନେରେଟର ଆଦି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଇ ପୃଥକ ଭାବେ ରଖିବାକୁ କୁହାଯାଇଛି। କୋଭିଡ୍ କେୟାର ସେଣ୍ଟର ଗୁଡ଼ିକରେ ଜେନେରେଟର ବ୍ୟବସ୍ଥା ଓ ଆବଶ୍ୟକ ହେଲେ ଟ୍ୟାଙ୍କର ଯୋଗେ ପାନୀୟଜଳ ବ୍ୟବସ୍ଥା କରିବାକୁ କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଅଗ୍ନିଶମ, ବନ ବିଭାଗ ଏବଂ ପୂର୍ତ୍ତ ବିଭାଗ ଉଦ୍ଧାର କାମ, ରାସ୍ତା ସଫା ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟୁତ୍ ସରବରାହ ଯଥାଶୀଘ୍ର ସ୍ୱାଭାବିକ କରିବାକୁ ସେସବୁ ଅଧିକାରୀଙ୍କୁ କୁହାଯାଇଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଖାଦ୍ୟ, ଅନ୍ୟାନ୍ୟ ରିଲିଫ ସାମଗ୍ରୀ, ପଲିଥିନ ଆଦି ଯୋଗାଇ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ବାତ୍ୟା ନେଇ ସତର୍କ ରୁହ

**ଅନୁଗୋଳ ଅଫିସ, ୨୪।୫**

- ସବୁ ବିଭାଗକୁ ନିର୍ଦ୍ଦେଶ ଦେଲେ ଜିଲାପାଳ
- ଡେରଜାଙ୍ଗ ଡ୍ୟାମ୍‌ରୁ ଛଡ଼ାଗଲା ପାଣି

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ୨୬ ତାରିଖରେ ସ୍ଥଳ ଭାଗ ଛୁଇଁବ। ଅନୁଗୋଳ ଜିଲା ୟେଲୋ ଜୋନ୍‌ରେ ଥିବାରୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାର ସମସ୍ତ ବିଡିଓ, ତହସିଲଦାର, ଯୋଗାଣ ଅଧିକାରୀ, ଜଳସେଚନ, ବିଦ୍ୟୁତ୍ ବିଭାଗ, ମେଡିକାଲ ଓ ପଶୁ ଚିକିତ୍ସା ଅଧିକାରୀଙ୍କୁ ଆଲର୍ଟ ରହିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ବାତ୍ୟା ପ୍ରଭାବରେ ଜିଲାରେ ଅଧିକ ବର୍ଷା କିମ୍ବା ପବନ ହୁଏ, ତା’ହେଲେ ଲୋକଙ୍କୁ ସହଯୋଗର ହାତ ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଡେରଜାଙ୍ଗ ପ୍ରୋଜେକ୍ଟର ଗୋଟିଏ ଗେଟ୍ ଦେଇ ପାଣି ନିଷ୍କାସନ କରାଯାଇଛି।

ବାତ୍ୟାର ପ୍ରଭାବ ଅନୁଗୋଳ ଜିଲାରେ ପଡ଼ିଲେ ତୁରନ୍ତ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପ୍ରତି ବିଡିଓମାନେ ସତର୍କ ରହିବାକୁ କୁହାଯାଇଥିବାବେଳେ ତହସିଲଦାରମାନେ ଆରଆଇଙ୍କୁ ପଠାଇ କ୍ଷୟକ୍ଷତି ହିସାବ ଆଣିବାକୁ କୁହାଯାଇଛି। ସେହିପରି ପ୍ରତି ଅଞ୍ଚଳରେ ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼ ସହ କିରୋସିନ୍ ମହଜୁଦ୍ ରଖିବାକୁ ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ସେବାରୁ ଲୋକମାନେ ଯେଉଁଭଳି ଭାବେ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁଗୋଳ ଓ ଚାଇଁପାଳ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଯେଉଁ ଅଞ୍ଚଳରେ ସେବା ବ୍ୟାହତ ହେବ, ସେଠାରେ ତୁରନ୍ତ ମରାମତି ସହ ବିଦ୍ୟୁତ୍ ଖୁଣ୍ଟ ପକାଇ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଔଷଧ ମହଜୁଦ୍ ରଖି ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡେରଜାଙ୍ଗ ଓ ମାନଜୋର ଡ୍ୟାମ୍ ସ୍ଥିତି ପରଖିବାକୁ ଅଧିକାରୀଙ୍କୁ କୁହାଯାଇଛି। ଡେରଜାଙ୍ଗ ପ୍ରୋଜେକ୍ଟର ଗୋଟିଏ ଗେଟ୍ ସୋମବାର ରାତିରେ ଖୋଲାଯାଇଛି। ବର୍ଷା ପରିମାଣକୁ ଦେଖି ଅଧିକ ଗେଟ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଆଠମଲ୍ଲିକ, ଟିକରପଡ଼ା ଓ କଣିହାଁ ଅଞ୍ଚଳର ତଳିଆ ସ୍ଥାନରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ବିଡିଓମାନଙ୍କୁ କୁହାଯାଇଛି। ନିଜ ନିଜ ଅଞ୍ଚଳର ଲୋକଙ୍କୁ ସତର୍କ ଓ ସୁରକ୍ଷିତ ରଖିବାକୁ ସମସ୍ତ ପ୍ରଶାନସିକ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Comprehensive Maintenance Contract of Split Type Air Conditioners AIIMS Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (AC&R)
AIIMS, Bhubaneswar

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ
(ଘୋଷଣା)
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଟ୍ଟାମୁଣ୍ଡାଇ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁଦୁପୁର) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବେଲତଳ, ଆଡ଼ଖଣ୍ଡ, ପାଛାପଡ଼ା, ଆଇନିପଡ଼ା, ନରସିଂହପୁର, ଅମ୍ବର, ନାଳଧଳିଆ, ସିମିଳିଆ, ନାଳଧଳିଆ, ବାଲିପଡ଼ା, ଓସାଂଗର, ଜିଗରଣ, ତାଳପଦା, ମିଞ୍ଚାଣି, କାଠିଆପଡ଼ା, ରାମଚନ୍ଦ୍ରପୁର, ମୁଲୁଗାଇ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।
ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

